# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 27th August - 2025

**********************************

*Desk*

## ସୀମା ନିର୍ଦ୍ଧାରଣ

ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟର ଜିଲ୍ଲା, ଉପଖଣ୍ଡ, ତହସିଲ୍, ରାଜସ୍ୱ ଗ୍ରାମ ଏବଂ ସହରାଞ୍ଚଳ ପ୍ରଶାସନିକ ସୀମା ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗତକାଲି ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି । ପ୍ରଶାସନିକ ସୀମା ନିର୍ଦ୍ଧାରଣ’ ୨୦୨୭ ଜନଗଣନା ପ୍ରକ୍ରିୟାକୁ ସହଜ କରିବ ବୋଲି କୁହାଯାଇଛି ।

*Desk*

## ନୂଆଖାଇ - ସି.ଏମ୍. କିଷାନ୍

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଉପଲକ୍ଷେ ଆଜି ସିଏମ୍-କିଷାନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହାୟତାରାଶି ପ୍ରଦାନ କରିବେ। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର - ଡି.ବି.ଟି. ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ

ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ ।

*IPR*

## କୃଷି ସମବାୟ ସମିତି

ଗୋଟିଏ ସ୍ଥାନରେ କୃଷି ସମ୍ବନ୍ଧୀୟ ସୁବିଧା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ରାଜ୍ୟରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଓ ନିବନ୍ଧକ ସମବାୟ ସମିତିସମୂହ କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ ଉପରେ ଭୁବନେଶ୍ୱରରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବାପାଇଁ ବିଭାଗ ପକ୍ଷରୁ ପାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ଉପରେ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି ।

*IPR*

## ରାଜ୍ୟପାଳ - ବନ୍ୟାସ୍ଥିତି ସମୀକ୍ଷା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ଗତକାଲି ରାଜଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ

ପ୍ରଶଂସା କରିବା ସହ ରାଜ୍ୟପାଳ ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରିଥିଲେ ।

***Jajpur/R***

## ରାଜସ୍ୱ ମନ୍ତ୍ରୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯାଜପୁରର ବନ୍ୟାଞ୍ଚଳ ଗସ୍ତ କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ପାଇଁ ସ୍ଥାୟୀ ସମାଧାନ ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିବା ସହ ବନ୍ୟାଜଳ ନିଷ୍କାସନ ପରେ କ୍ଷୟକ୍ଷତି ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନା ଅନୁଯାୟୀ, ଚଳିତ ବନ୍ୟାରେ ଯାଜପୁର ଜିଲ୍ଲାର ୨୧ଟି ପଞ୍ଚାୟତର ୧୮ ହଜାର ୪୩୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୯ ହଜାର ୬୪୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୨୬ଟି ରିଲିଫ୍ କେନ୍ଦ୍ରରେ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା କୁହାଯାଇଛି ।

*Desk*

# ଅମଲା ସଂଘ

୧୫ ଦିନ ଧରି ଚାଲିଥିବା ରାଜ୍ୟ ଅମଲା ସଂଘର ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ବନ୍ୟା ପରିସ୍ଥିତି ଓ ଗଣପର୍ବ ନୂଆଖାଇ ନିମନ୍ତେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଅମଲା ସଂଘ ଏହି ନିଷ୍ପତ୍ତି ନେଇଛି । ସଂଘର ଏକ ତିନିଜଣିଆ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଆଲେଚାନା ପରେ ଏଭଳି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି ।

*Baragarh/R*

# ଚାଷୀ ପଞ୍ଜୀକରଣ ସମୀକ୍ଷା

ବରଗଡ଼ ଜିଲ୍ଲାରେ ଚଳିତ ଖରିଫ୍ ଋତୁରେ ୧ ଲକ୍ଷ ୬୩ ହଜାର ୭୨୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବରଗଡ଼ ସର୍କିଟ୍ ହାଉସ୍ ସ୍ଥିତ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କ ସହ ଧାନ ସଂଗ୍ରହ ଓ ଚାଷୀଙ୍କ ନାମ ପଞ୍ଜୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ କହିଛନ୍ତି, ପଞ୍ଜୀକରଣରୁ କିଛି ଚାଷୀ ବଞ୍ଚିତ ହୋଇଥିବା ନେଇ ଜିଲ୍ଲାପାଳଙ୍କଠାରୁ ରିପୋର୍ଟ ମଗାଯାଇଛି । ମନ୍ତ୍ରୀ ଶ୍ରୀ ପାତ୍ର ଟୁର୍‌କୁଲାଠାରେ ଏକ ବିଜ୍ଞାନ ପାର୍କର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ।

***IPR***

# ରାଜ୍ୟପାଳ - ଦୃଷ୍ଟିଜନିତ ସମସ୍ୟା

ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଜନିତ ସମସ୍ୟା ଏବଂ ଝିଅ ଓ ମହିଳାମାନଙ୍କ କ୍ଷେତ୍ରରେ ହିମୋଗ୍ଲୋବିନ୍ ସ୍ତର ହ୍ରାସ ପାଇବାଜନିତ ସମସ୍ୟା ଦୂର କରିବା ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ରାଜଭବନ ନିୟୁ ଅଭିଷେକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦୃଷ୍ଟି ସମସ୍ୟା ନିୟନ୍ତ୍ରଣ ଓ ରକ୍ତହୀନତା ଦୂରୀକରଣ ସମ୍ପର୍କିତ ଏକ ବୈଠକରେ ରାଜ୍ୟପାଳ ଶିଳ୍ପସଂସ୍ଥା, ଏନ୍.ଜି.ଓ., ବ୍ୟାବସାୟିକ ସଙ୍ଗଠନ, ଶିକ୍ଷାନୁଷ୍ଠାନ ସମେତ ଅନ୍ୟ ପ୍ରତିଷ୍ଠାନଗୁଡ଼ିକୁ ଏକ୍ଷେତ୍ରରେ ସହଯୋଗ ଲାଗି ଆହ୍ୱାନ ଦେଇଛନ୍ତି । ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ ।

***Desk***

# ଗଣେଶ ପୂଜା

ପ୍ରବଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ସମଗ୍ର ରାଜ୍ୟରେ ଆଜି ଗଣେଶ ଚତୁର୍ଥୀ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀକ୍ଷେତ୍ର ପୁରୀରେ ମଧ୍ୟ ବିଘ୍ନନାଶକ ଶ୍ରୀଗଣେଶଙ୍କ ପୂଜା ହେଉଛି । ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶ୍ରୀମନ୍ଦିରକୁ ଯାଇ ବଟ ଗଣେଷଙ୍କ ପୂଜାର୍ଚ୍ଚନା କରୁଛନ୍ତି । ସହରର ବିଭିନ୍ନ

ସ୍ଥାନରେ ଗଣେଶ ମୂର୍ତ୍ତି ସହ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି । ସେହିପରି ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି ।

***CMO***

# ଦିଦାୟୀ ଝିଅ - ଚମ୍ପା

ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଭାବରେ ମେଡିକାଲ୍ ପ୍ରବେଶିକା ପରୀକ୍ଷା - ନୀଟ୍‌ରେ ଉତ୍ତୀର୍ଣ୍ଣ ହୋଇ ଏମ୍.ବି.ବି.ଏସ୍. ପଢ଼ିବାପାଇଁ ଯୋଗ୍ୟ ବିବେଚିତ ହୋଇଥିବା ମାଲକାନଗିରି ଜିଲ୍ଲାର ଚମ୍ପା ରାସପେଦାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧନା ଜଣାଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଚମ୍ପାଙ୍କୁ ଏକ ଲ୍ୟାପ୍‌ଟପ୍ ଉପହାର ଦେବା ସହ ଆଗକୁ ଆହୁରି ଭଲ ପାଠ ପଢ଼ିବାକୁ କହିଛନ୍ତି ।

***Ganjam, Bhadrak/R***

# ଶିଶୁଯତ୍ନ ଓ ସୁରକ୍ଷା

ରାଜ୍ୟ ମହିଳା ଓ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଦୁଇଦିନିଆ ଗଞ୍ଜାମ ଗସ୍ତରେ ଯାଇ ବିଭିନ୍ନ ଥାନା ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁଯତ୍ନ ଓ ସୁରକ୍ଷା ଉପରେ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି । ପରେ ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ

ଅଧିକାରୀମାନଙ୍କ ସହ ଅଧ୍ୟକ୍ଷା ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ ।

ସେହିପରି ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଭଦ୍ରକ ଜିଲ୍ଲା ଗସ୍ତ କରିଥିବା ଜଣାପଡ଼ିଛି ।

***Desk, Sambalpur/R***

# ନୂଆଖାଇ ପ୍ରସ୍ତୁତି

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଆସନ୍ତାକାଲି ପାଳନ ହେବ । ସେଥିଲାଗି ସମ୍ବଲପୁର ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ମନ୍ଦିରର ସଫେଇ କାର୍ଯ୍ୟ ସହ ନବାନ୍ନ ଲାଗି ଦିନ ମା' ପରିଧାନ କରିବାକୁ ଥିବା ଅଳଙ୍କାରଗୁଡ଼ିକୁ ସଫା କରାଯାଉଛି । ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୩୦ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବ । ନୂଆ ଖାଇଲା ପରେ ମା'ଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବାର ପରମ୍ପରା ରହିଛି । ଗତ ସୋମବାର ଦିନ ସିନ୍ଦୂର ଲଗା କାର୍ଯ୍ୟକ୍ରମ ଶେଷ ହୋଇଛି ।

ରାଜ୍ୟ ସରକାର ନୂଆଖାଇ ପରଦିନ ଅଗଷ୍ଟ ୨୯ ତାରିଖକୁ ଛୁଟି ଘୋଷଣା କରିଥିବାରୁ ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ ତାରିଖ ଦ୍ୱିତୀୟ ଶନିବାରକୁ ସରକାରୀ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି ।

*Malkangiri/R*

# ଆଦି କର୍ମଯୋଗୀ ଅଭିଯାନ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଆଦି କର୍ମଯୋଗୀ ଅଭିଯାନ' ବୈଠକ ଅନୁଷ୍ଠିତ ହୋଇଛି । ଏହି ଅଭିଯାନରେ ଜିଲ୍ଲାର ୭ଟି ବ୍ଲକ୍‌ର ୪୨୫ଟି ଆଦିବାସୀବହୁଳ ଗ୍ରାମକୁ ସାମିଲ୍ କରାଯାଇଥିବାବେଳେ ୩ ଲକ୍ଷ ୧୫ ହଜାର ୯୩୮ ଜଣ ଜନଜାତି ଲୋକ ଅନ୍ତର୍ଭୁକ୍ତ ହେବେ ବୋଲି ଜଣାପଡ଼ିଛି । ଏହି ଅଭିଯାନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପଞ୍ଚାୟତ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ଭଳି ବିଭିନ୍ନ ବିଭାଗର ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଚାର ଓ ପ୍ରସାର କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

*****